## ମନ୍ଦିର ହୁଣ୍ଡି ତାଲା ଭାଙ୍ଗି ଚୋରି

ପାତ୍ରପୁର,(ଡି.ଏନ.ଏ.)-ଜରଡ଼ା ଥାନା ଜୟନ୍ତୀପୁର ନିକଟ ଗୁପ୍ତେଶ୍ୱର ମନ୍ଦିରରୁ ବୁଧବାର ରାତିରେ ଚୋରି ହୋଇଛି। ଗୁରୁବାର ଭୋରରେ ପୂଜାରୀ ମନ୍ଦିରକୁ ଯାଇଥିବା ବେଳେ ସାମ୍ନାରେ ଥିବା ହୁଣ୍ଡି ତାଲା କଟାଯାଇ ତଳେ ପଡିଥିବା ଦେଖିଥିଲେ। ସେହିପରି ମନ୍ଦିରରେ ଥିବା ଏକ ଆଲମିରା ଓ ଅନ୍ୟ ଦୁଇଟି ଦାନ ହୁଣ୍ଡିର ତାଲା ଭଙ୍ଗାଯାଇଥିବା ଦେଖି ମନ୍ଦିର କମିଟିକୁ ଜଣାଇଥିଲେ। ମନ୍ଦିର କମିଟି ଏ ନେଇ ଥାନାକୁ ଜଣାଇବାରୁ ପୋଲିସ ପହଞ୍ଚି ତଦନ୍ତ କରିଛି। ଆଲମିରାରୁ ୧୬ହଜାର ଟଙ୍କା ସହ ୩ଟି ଦାନ ହୁଣ୍ଡିରୁ ଅନେକ ଟଙ୍କା, ତୁଲା ଓ ଆସବାବପତ୍ର ଚୋରି ହୋଇଥିବା ଜରଡ଼ା ଥାନାରେ ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଡ୍ରେନ୍ ନିର୍ମାଣ ଦାବି

କାଶୀନଗର,୯।୧୨(ଡି.ଏନ୍.ଏ.) ପାରଳାଖେମୁଣ୍ଡି-ଗୁଣପୁର ମୁଖ୍ୟରାସ୍ତାର କାଶୀନଗର ଆନ୍ଧ୍ର ବ୍ୟାଙ୍କଠାରୁ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ପୂର୍ତ୍ତ ବିଭାଗ ଏହି କାର୍ଯ୍ୟ କରୁଛି। ରାସ୍ତାର ଦୁଇ ପାର୍ଶ୍ୱ ଜେସିବି ଦ୍ୱାରା ଖୋଳାଯାଇ ଓସାରିଆ କରାଯାଇଛି। ବର୍ଷା ଯୋଗୁ କାର୍ଯ୍ୟବନ୍ଦ ବେଳେ ଯାତାୟାତରେ ଅସୁବିଧା ହେଉଛି। ସମ୍ପ୍ରତି ଉକ୍ତ ରାସ୍ତା କଂକ୍ରିଟ କରାଯାଇ ପିଚୁ ପକାଇବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ ନିର୍ମାଣ ନିମନ୍ତେ ଦାବି ହୋଇଛି। ଏ ନେଇ ନିର୍ବାହୀ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ ପଦସ୍ଥ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ସ୍ଥାନୀୟ ବାସିନ୍ଦା ଡ୍ରେନ ନିର୍ମାଣ ଦାବି କରୁଥିବାରୁ କାର୍ଯ୍ୟ ବନ୍ଦ ରଖାଯାଇଛି। ତେବେ ଡ୍ରେନ ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିଥିବା ସୂଚନା ମିଳିଛି।

### କେଏସ୍‌ୟୁବି କଲେଜରେ ଶୋକସଭା

ଭଞ୍ଜନଗର,୯।୧୨(ଡି.ଏନ.ଏ)ଭାରତର ପ୍ରଥମ ସିଡିଏସ୍ ବିପିନ୍ ରାୱତ୍ ଏବଂ କେଏସ୍‌ୟୁବି କଲେଜର ପୂର୍ବତନ ଡେ଼ମୋଷ୍ଟ୍ରେଟର ତଥା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବିପିନ ସାମନ୍ତଙ୍କ ବିୟୋଗରେ ଗୁରୁବାର କଲେଜରେ ଏକ ଶୋକସଭା ହୋଇଥିଲା। ପ୍ରଥମେ ଉଭୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। କଲେଜ ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ ବୈଠକରେ ଅଧକ୍ଷତା କରିଥିଲେ। ପ୍ରାଧାପକ ଡ.ରବୀନ୍ଦ୍ର ନାଥ ପାଳ, ଡ.ପୀତବାସ ପାଳ, ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ପ୍ରାଧାପକ ସାତ୍ୟକୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

### ବିଜୁ ପଟ୍ଟନାୟକ କନିଷ୍ଠ କଲେଜରେ ସ୍ୱାଗତ ଉତ୍ସବ

ଶେରଗଡ଼,୯।୧୨(ଡି.ଏନ୍.ଏ.) ଶେରଗଡସ୍ଥିତ ବିଜୁ ପଟ୍ଟନାୟକ କନିଷ୍ଠ ମହାବିଦ୍ୟାଳୟରେ ଗୁରୁବାର ନୂତନ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷ ଗୌରହରି ବିଷୋୟୀ ଅଧକ୍ଷତା କରିଥିଲେ। ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଛାତ୍ରଛାତ୍ରୀମାନେ ନବାଗତଙ୍କୁ କଲେଜ ନୀତିନିୟମ ବିଷୟରେ ଜଣାଇଥିଲେ। ଅତିଥି ଭାବେ ଅଧାପକ ରଞ୍ଜନ କୁମାର ସାହୁ, ଅଧାପିକା ମିନାକ୍ଷୀ ସାହୁ, ଶ୍ରଦ୍ଧାଞ୍ଜଳି ପାଢ଼ୀ, ସୁନୀଲ କୁମାର ମହାରଣା ଯୋଗ ଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ହେଇଥିଲେ।

### ନିଖୋଜ ନାବାଳକ କଟକରୁ ଉଦ୍ଧାର

ଦିଗପହଣ୍ଡି,୯।୧୨(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳରାମପୁର ଗ୍ରାମରୁ ଗତ ମଙ୍ଗଳବାରଠାରୁ ନିଖୋଜ ହୋଇଥିବା ନାବାଳକଙ୍କୁ ଗୁରୁବାର କଟକ ରେଳ ଷ୍ଟେଶନରୁ ଉଦ୍ଧାର କରାଯାଇଛି। ପୁଅ ନିଖୋଜ ପରେ ଗ୍ରାମ ନିକଟ ବନବିଭାଗ କାର୍ଯ୍ୟାଳୟ ପାଖରୁ ତାହାର ଜୋତା ମିଳିଥିଲା। ଗତ ବୁଧବାର ପରିବାର ଲୋକେ ଏ ନେଇ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କଟକ ରେଲୱେ ପୋଲିସ ପକ୍ଷରୁ ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ସମ୍ପର୍କରେ ଥାନାକୁ ସୂଚନା ମିଳିଥିଲା। ନାବାଳକଙ୍କୁ କୌଣସି ବ୍ୟକ୍ତି ନିଶା ଦ୍ରବ୍ୟ ଶୁଙ୍ଘାଇ ଗ୍ରାମରୁ ଅପହରଣ କରାଯାଇଥିଲା ବୋଲି ଜଣାପଡିଛି।

### ବାଲ୍ୟବିବାହ ପ୍ରତିରୋଧ ମଞ୍ଚ ବାର୍ଷିକ ସମ୍ମିଳନୀ

ବାଲିଗୁଡା, ୯ ।୧୨ -ବାଲିଗୁଡାସ୍ଥିତ ବନବାସୀ ସେବା ସମିତି ସଭାଗୃହରେ ଅନ୍ତରଙ୍ଗ, କନ୍ଧମାଳ ଦ୍ୱାରା ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଏସ୍‌ଡିପିଓ ଜି. ଆର. ରାଘବେନ୍ଦ୍ର ଯୋଗ ଦେଇଥିବା ବେଳେ ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ, ଜିଲା ଶିଶୁ ଅଧିକାରୀ ରଶ୍ମିତା କରଣ, ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ସିଡବ୍ଲୁସି ସଦସ୍ୟା ଜୟନ୍ତୀ ପାଣିଗ୍ରାହୀ, ଏକ୍ସନଏଡର ସଂଯୋଜିକା ସ୍ୱାତୀ ତନ୍ମୟା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବନବାସୀ ସେବା ସମିତିର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା, ପ୍ରଦାତ୍ତା ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଏସ୍‌ଡିପିଓ ରାଘବେନ୍ଦ୍ର ବାଲ୍ୟ ବିବାହ ରୋକିବାରେ ପୋଲିସ ପ୍ରଶାସନର ଦାୟିତ୍ୱ ଓ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିମାନେ ମଧ ବାଲ୍ୟବିବାହ କିଭଳି ସମ୍ପୂର୍ଣ୍ଣ ରୋକାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

# ସମସ୍ୟା ସମାଧାନ ନ କଲେ ପୁରୁଣା ପଞ୍ଚାୟତକୁ ଫେରାଅ

ଫୁଲବାଣୀ ଅଫିସ, ୯।୧୨

ଆଗକୁ ପଞ୍ଚାୟତ ନିର୍ବାଚନ । ଗତ ପଞ୍ଚାୟତ ନିର୍ବାଚନରେ ଆମକୁ ଅଲଗା ପଞ୍ଚାୟତରେ ମିଶାଗଲା । ୫ ବର୍ଷ ବିତିବାକୁ ବସିଥିବା ବେଳେ ସମସ୍ୟା ସମାଧାନ ହେଲାନି । ତେଣୁ ଆଗାମୀ ନିର୍ବାଚନ ପୂର୍ବରୁ ସମସ୍ୟାର ସମାଧାନ ନ କଲେ ପୁରୁଣା ପଞ୍ଚାୟତକୁ ଫେରାଇ ଦିଅ ବୋଲି କନ୍ଧମାଳ ଜିଲା କୋଟଗଡ ବ୍ଲକ ଦୁର୍ଗାପାଙ୍ଗା ପଞ୍ଚାୟତର ୩ଟି ୱାର୍ଡର ୧୩ଟି ପଡା ଗ୍ରାମବାସୀ ଜିଲାପାଳଙ୍କ ପାଖରେ ଦାବି କରିଛନ୍ତି।



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

ଗତ ପଞ୍ଚାୟତ ନିର୍ବାଚନରେ ନୂତନ ପଞ୍ଚାୟତ ସୀମା ନିର୍ଦ୍ଧାରଣ ବେଳେ ତୁମୁଡିବନ୍ଧ ବ୍ଲକ ଗୁମା ପଞ୍ଚାୟତର ନୂଆ ଓ ପୁରୁଣା ଡିମିଲି, ଭାଲୁଗୁଡା, କାଣିବାରୁ, ଗୋଲକପାଙ୍ଗା, ଭାଣ୍ଡରାସାଲା, ଲିଡ୍ରାଙ୍ଗି ଆଦି ଗ୍ରାମ ଦୁର୍ଗାପାଙ୍ଗା ପଞ୍ଚାୟତରେ ମିଶିଥିଲା । ଏସବୁ ଗ୍ରାମ ଦୁର୍ଗାପାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଠାରୁ ବହୁ ଦୂରରେ । ତେଣୁ ଗ୍ରାମବାସୀଙ୍କୁ ଚାଉଳ, ଭତ୍ତା ଆଦି ବଣ୍ଟନ କରିବାକୁ ଭାଲୁଗଡା ଗ୍ରାମଠାରେ ପଞ୍ଚାୟତ ପକ୍ଷରୁ ଏକ ଗୋଦାମ କରାଯାଇଥିଲା । କିଛି ଦିନ ପରେ ତାହାକୁ ବନ୍ଦ କରି ଦିଆଯାଇଛି । ଫଳରେ ଏସବୁ ଗ୍ରାମବାସୀ ୨୬/୨୭ କିମି ଦୂର ଦୁର୍ଗାପାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇପାରୁ ନ ଥିବାରୁ ଚାଉଳ ଏବଂ ଭତ୍ତା ବାଟମାରଣା ହେଉଛି । ଉପରୋକ୍ତ ଗ୍ରାମଗୁଡ଼ିକରେ କୁଟିଆ କନ୍ଧ ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସରକାର ଏମାନଙ୍କ ପାଇଁ କୁଟିଆ କନ୍ଧ ଉନ୍ନୟନ ଯୋଜନା(କେକେଡିଏ) କରିଥିଲେ ମଧ ଏମାନେ ତାହାର ସୁଫଳ ପାଉନାହାନ୍ତି। ସେହିପରି ଗ୍ରାମକୁ ଯିବାକୁ ସର୍ବନିମ୍ନ ରାସ୍ତା ଖଣ୍ଡେ ନାହିଁ। ଗର୍ଭବତୀ ମହିଳାଙ୍କୁ ୨୭ କିମି ଦୂର ମେଡିକାଲକୁ ନେବା ଆଦୌ ସମ୍ଭବ ହୁଏନାହିଁ। ପ୍ରସବ କାଳରେ ଅନେକ ଜନନୀ ଏବଂ ନବଜାତଙ୍କ ମୃତ୍ୟୁ ହେଉଛି। ସେହିପରି ଆବାସ ଯୋଜନାରେ ଘର ଖଣ୍ଡେ ମିଳୁନାହିଁ । ପ୍ରଶାସନ ଏସବୁ ସମସ୍ୟାର ତୁରନ୍ତ ସମାଧାନ ନ କଲେ ପୁଣି ପୁରୁଣା ପଂଚାୟତକୁ ଫେରିଯିବା ଲାଗି ଆନ୍ଦୋଳନ କରାଯିବ ବୋଲି ସୁବର୍ଣ୍ଣ ମାଝି, ବଜ୍ର ମାଝି, ସୁନା ମାଝି, ସଜନ ମଲ୍ଲିକ, ମହେନ୍ଦ୍ର ମାଝି ପ୍ରମୁଖ ପ୍ରକାଶ କରିଛନ୍ତି।

# ୧୫୫ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ବାଲିଗୁଡ଼ା,୯।୧୨

କନ୍ଧମାଳ ଜିଲା ବାଲିଗୁଡ଼ା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ନଷ୍ଟ ଚାଲିଛି। ସିନ୍ଦ୍ରିଗାଁ ପଞ୍ଚାୟତର ସିନ୍ଦ୍ରିଗାଁ ଅଞ୍ଚଳ ଓ ବୁଡୁରୁକିଆ ଅଞ୍ଚଳରେ ପ୍ରାୟ ୧୫୫ ଏକର ଜଙ୍ଗଲ ଜମିରେ ହୋଇଥିବା ବେଆଇନ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବାଲିଗୁଡ଼ା ଏସ୍‌ଡିପିଓ ଜି.ଆର ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନ ଓ ଥାନା ଅଧିକାରୀ ବାବାଶଙ୍କର ସରାଫଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ବାହିନୀ ଓ ଅବକାରୀ ପୋଲିସ ଗଞ୍ଜେଇ ଗଛଗୁଡ଼ିକୁ କାଟି ସେଥିରେ ନିଆଁ ଲଗାଇଛନ୍ତି । କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଏହି ଅପରେଶନ ଜାରି ରହିଛି । ଏ ନେଇ ବାଲିଗୁଡା ଥାନାରେ ଏକ ମାମଲା ନଂ.୨୬୧/୨୧ ରୁଜୁ କରାଯାଇଛି। ଆଗକୁ ଅଞ୍ଚଳରୁ ଗଞ୍ଜେଇ ଚାଷ ମୂଳପୋଛ କରିବା ପାଇଁ ଏହି ଅପରେଶନ ଜାରି ରହିବ ବୋଲି ସୂଚନା ମିଳିଛି।

# ମଣ୍ଡପରେ ମହାଲକ୍ଷ୍ମୀ ପୂଜା

ଆସିକା,୯।୧୨(ଡି.ଏନ.ଏ.)– ଆସିକା ସହର ଓ ଗ୍ରାମାଞ୍ଚଳରେ ଗୁରୁବାରଠାରୁ ଧନଦାତ୍ରୀ ମା' ମହାଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ବିଭିନ୍ନ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା ଚାଲିଛି । କୋଭିଡ କଟକଣା ମଧ୍ୟରେ ପୂଜା ଉତ୍ସବକୁ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏହି ପୂଜା ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଆସିକା ଓଡିଆ ସାହି, ବଜାର ସାହି, ହାଟପଦା ଛକ, ଲକ୍ଷ୍ମୀବଜାର,ମୁକୁନ୍ଦପୁର ଓ ନୂଆଗାଁଠାରେ ଚାଲିଥିବା ଏହି ପୂଜା ଚାଲିଛି। ସେହିପରି ଖଣ୍ଡଦେଉଳି ପଞ୍ଚାୟତ କର୍ଣ୍ଣୋଳି ନିଗମାନନ୍ଦ ଯୋଗାଶ୍ରମ ନିକଟସ୍ଥ ପଡିଆରେ ରାମେଶ୍ୱର ଶ୍ରମିକ ସଂଘ ପକ୍ଷରୁ ଅଷ୍ଟଲକ୍ଷ୍ମୀ ପୂଜା ହେଉଛି।



ବଜାର ସାହି ପୂଜା ମଣ୍ଡପ।

# ମହିଳା ବନ୍ଧ୍ୟାକରଣରେ ମୁନିସିପେଣ୍ଟ ସିଏଚ୍‌ସି ପ୍ରଥମ

ଛତ୍ରପୁର,୯।୧୨(ଡି.ଏନ.ଏ.)

ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜନସଂଖ୍ୟା ସ୍ଥିତିକରଣ କାର୍ଯ୍ୟକ୍ରମ ଉପଲକ୍ଷେ ମହିଳା ବନ୍ଧ୍ୟାକରଣରେ ପ୍ରଥମ ପୁରସ୍କାର ପାଇଛି। ଚଳିତବର୍ଷ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଓ ବିଗତ ବର୍ଷ ବାର୍ଷିକ ମହିଳା ବନ୍ଧ୍ୟାକରଣ କାର୍ଯ୍ୟକ୍ରମରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଜିଲାରେ ତୃତୀୟ ସ୍ଥାନରେ ରହିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଉମାଶଙ୍କର ମିଶ୍ରଙ୍କ ଦ୍ୱାରା ସମସ୍ତ ଜିଲା ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କାର ପ୍ରଦାନ କରାଯାଇଛି। ମହିଳା ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର କୁମାର ପାତ୍ର ଓ ମେଡିକାଲ ଅଫିସର ସନ୍ତୋଷିନୀ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ବିପିଏମ ସୀମାଞ୍ଚଳ ପ୍ରଧାନଙ୍କ ସହଯୋଗକ୍ରମେ ଡା ସରୋଜ ସାମଲ ଓ ଡା ମୋହନ ବାରିକ ଅସ୍ତ୍ରୋପଚାର କରିଥିଲେ। ଶ୍ରୀକାନ୍ତ ଚୌଧରି, ଶ୍ରୀ କ୍ରିଷ୍ଣା ଚନ୍ଦ୍ର ଜେନା, ମହେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ ବେହେରାଙ୍କ ସହ ସମସ୍ତ ଏଏନଏମ ଓ ଆଶା କର୍ମୀ ହିତାଧିକାରୀଙ୍କୁ ଅସ୍ତ୍ରୋପଚାର ନିମନ୍ତେ ପଠାଇଥିଲେ। ବସନ୍ତ ସୁବୁଦ୍ଧି, ସୁବାଷ ପଣ୍ଡା, ସଙ୍ଗୀତା ନିଶାଙ୍କ, ଦେବାଶିଷ ପାତ୍ର ଅସ୍ତ୍ରୋପଚାର କକ୍ଷରେ ସହଯୋଗ କରିଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଡା ସୁଦର୍ଶନ ସାହୁ ସମସ୍ତ ଟିମକୁ ଶୁଭେଚ୍ଛା ଜଣାଇଥିଲେ।



ମାନପତ୍ର ପ୍ରଦାନ କରାଯାଉଛି।

# ଅନୁସୂଚିତ ଜନଜାତି ପ୍ରତିନିଧିଙ୍କ ଦକ୍ଷତା ବିକାଶ ତାଲିମ

ପାରଳାଖେମୁଣ୍ଡି,୯।୧୨(ଡି.ଏନ.ଏ.)

ଗୁମ୍ମା ବ୍ଲକରେ ସରକାରଙ୍କ ଦ୍ୱାରା ମନୋନୀତ ଅନୁସୂଚିତ ଜନଜାତି ଲୋକ ପ୍ରତିନିଧିଙ୍କ ଦକ୍ଷତା ବିକାଶ ତାଲିମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ଅନୁପ ଅଭିଷେକ ବେହେରା ଓ ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୂୟାଁ ଯୋଗ ଦେଇଥିଲେ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସାଧାରଣ ଲୋକଙ୍କ ସହିତ ଲୋକ ପ୍ରତିନିଧିମାନେ ସରକାରୀ ଯୋଜନା ବିଷୟରେ ଜାଣି ପାରନ୍ତି ନାହିଁ । ଲୋକ ପ୍ରତିନିଧିମାନଙ୍କ ଜରିଆରେ ପଞ୍ଚାୟତ ସ୍ତରରେ ଏବଂ ଗ୍ରାମାଞ୍ଚଳରେ ସରକାରୀ ଯୋଜନାକୁ ଠିକ ଭାବେ ପହଞ୍ଚାଇବା ଏହି ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ବିଡ଼ିଓ ପ୍ରୋଜେକ୍ଟର ମାଧମରେ ପ୍ରତିନିଧିମାନଙ୍କୁ ଯୋଜନା ବିଷୟରେ ବୁଝାଇଥିଲେ, ଯଦ୍ଦ୍ୱାରା ସାଧାରଣ ଲୋକଙ୍କୁ ସେମାନେ ବୁଝେଇ ପାରିବେ। ନିର୍ବାଚନରେ ଅନୁସୂଚିତ ଜନଜାତି ପାଇଁ ୫୦ ପ୍ରତିଶତ ଆସନ ଓ ଅଧକ୍ଷା ପଦ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଗ୍ରାମାଞ୍ଚଳରେ ଏହା ଅବଗତ ନିମନ୍ତେ ଏହି ଶିବିର ଆୟୋଜନ କରାଯାଇଛି ।

# କୃଷକ ସଂଘର ତହସିଲଦାରଙ୍କୁ ଦାବିପତ୍ର

ଆର.ଉଦୟଗିରି,୯।୧୨(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଓ ମୋହନା ବ୍ଲକ ଅଞ୍ଚଳର ଲଘୁଚାପ ଜନିତ ଲଗାଣ ବର୍ଷାରେ ଚାଷୀକୁଳ ପ୍ରଭାବିତ ହୋଇଛନ୍ତି। ବାରମ୍ବାର ବର୍ଷା ହେବା ଫଳରେ ଧାନ ଜମି ଜଳମଗ୍ନ ହୋଇ ନଷ୍ଟ ହେବା ସହ ଓ ମକା ଫସଲ ପାଣିରେ ବୁଡ଼ି ରହିଛି। ଶକୁନ୍ତଳା ରଇତ, ବିଡ଼ିଓ କଡା, ସୁରଥମା ଗମାଙ୍ଗ, ଗୋକୁଳ ଦଳବେହେରା, ମାନସ କୁମାର ପ୍ରମୁଖ ଅଭିଯୋଗ କରି କହିଛନ୍ତି, ଚଳିତଥର ପାଗ ଅନୁକୂଳ ଥିବା ଦେଖି ବହୁ ଟଙ୍କା ଋଣ ତଥା ଧାରକରଜ କରି ଧାନ ଓ ମକା ଚାଷରେ ଲଗାଇଥିଲୁ। ଫସଲ ମଧ ଭଲ ହୋଇଥିଲା। ଭଲ ଦୁଇ ପଇସା ଆସିବ ବୋଲି ଭାବିଥିଲୁ। ହେଲେ ବାରମ୍ବାର ଲଘୁଚାପ ଜନିତ ଲଗାଣ ବର୍ଷା ଆମ ଫସଲ ସବୁ ଉଜୁଡ଼ାଇ ଦେଲା। ଧାନ ଓ ମକା ଗଛ ସହ କେଣ୍ଡା ସବୁ ପାଣିରେ ଶୋଇପଡିଛି।

ଜିଲାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲା କୃଷକ ସଂଘ ସଭାପତି ଦଣ୍ଡପାଣି ରଇତଙ୍କ ନେତୃତ୍ୱରେ କ୍ଷତିପୂରଣ ପାଇଁ ତହସିଲଦାର ନାରାୟଣ ବେହେରାଙ୍କ ଦ୍ୱାରସ୍ଥ ହୋଇ ସେମାନେ ୭ ଦଫା ଦାବୀ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବୀଗୁଡିକ ମଧ୍ୟରେ ରହିଛି ମୁଖ୍ୟତଃ ଅଦିନିଆ ବର୍ଷାରେ ଗରିବ ଚାଷୀଙ୍କ ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ଉଜୁଡିଯାଇଛି, ତାର ଠିକ୍ ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯାଉ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀଙ୍କୁ ସେମାନଙ୍କ କ୍ରପ୍ ବୀମା କ୍ଲେମ ପ୍ରାପ୍ୟ ଯୋଗାଇ ଦିଆଯାଉ। ଆସନ୍ତା ଦିନରେ ସମ୍ଭାବ୍ୟ ଲଘୁଚାପ ଓ ଅଦିନିଆ ବର୍ଷାକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ସେମାନଙ୍କ ଉତ୍ପାଦିତ ଧାନ ଓ ମକା ଘୋଡାଇବା ପାଇଁ ଯଥେଷ୍ଟ ପରିମାଣରେ ପଲିଥିନ୍ ଯୋଗାଇ ଦେବାକୁ ଦାବି ହୋଇଛି।

## ଲଗାଣ ବର୍ଷାରେ ଧାନଫସଲ ପ୍ରଭାବିତ



ଜିଲା କୃଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ ।

# ପାଇଥିବା ବ୍ୟାଗ୍ ଫେରାଇଲେ ଆମ୍ବୁଲାନ୍ସ ଚାଳକ

କୋଟଗଡ,୯।୧୨(ଡି.ଏନ.ଏ.)

କୋଟଗଡ଼ ଥାନା ସୁବର୍ଣ୍ଣଗିରି ଫାଣ୍ଡି ଅନ୍ତର୍ଗତ ଶିବ ମନ୍ଦିର ନିକଟରେ ଜଣେ ମହିଳାଙ୍କ ଏକ ବ୍ୟାଗ୍ ପଡ଼ିଯାଇଥିଲା। କୋଟଗଡ ମେଡିକାଲ ଆମ୍ବୁଲାନ୍ସ ଡ୍ରାଇଭର ଶୁଭକାନ୍ତ ନାୟକ ଉକ୍ତ ବ୍ୟାଗକୁ ପାଇ ସମ୍ପୃକ୍ତ ମହିଳାଙ୍କୁ ଫେରାଇଛନ୍ତି। ଉକ୍ତ ବ୍ୟାଗରେ ଟଙ୍କା, ସୁନା, ଜମି ପଟ୍ଟା, ବ୍ୟାଙ୍କ ପାସବୁକ୍, ଆଧାର କାର୍ଡ ଆଦି ରହିଥିଲା। ଶୁଭକାନ୍ତ ଏହା ଜାଣିବା ପରେ ବ୍ୟାଗ୍ ଫେରାଇଥିବାରୁ ତାଙ୍କୁ ସବୁଆଡୁ ପ୍ରଶଂସା ମିଳୁଛି।

# ସିଡିଏସ୍‌ଙ୍କ ବିୟୋଗରେ ଶୋକ

ଦିଗପହଣ୍ଡି/ବୁଗୁଡ଼ା,୯।୧୨(ଡି.ଏନ.ଏ.)

ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ବିପିନ ରାୱତ ଓ ଅନ୍ୟ ସେନା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ହୋଇଥିଲା। ସଂଘ ସଭାପତି ପରେଶ ଚନ୍ଦ୍ର ରଥ ଏଥିରେ ସଭାପତିତ୍ୱ କରିଥିଲେ। ରାୱତଙ୍କ ବଳିଦାନ ତାଙ୍କୁ ଚିରସ୍ମରଣୀୟ କରି ରଖିବ ବୋଲି ମତ ପ୍ରକାଶ ପାଇଥିଲା। ସେହପରି ରାୱତଙ୍କ ସାଙ୍ଗରେ ଯାତ୍ରା କରୁଥିବା ଅନୁଗୋଳର ରାଣା ପ୍ରତାପ ଦାଶଙ୍କ ପରିବାର ବର୍ଗଙ୍କ ପ୍ରତିମଧ ସମବେଦନା ପ୍ରକାଶ କରାଯାଇଛି। ବୁଗୁଡ଼ା ପିପୁଲ୍ସ କଲେଜ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଶୋକସଭା ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅକ୍ଷୟ କୁମାର ସାହୁ, ଅଧାପକ ବିନୋଦ କୁମାର କର ଓ ଲୋକନାଥ ବେହେରା ପ୍ରମୁଖ ସ୍ୱର୍ଗତ ସେନାଧକ୍ଷଙ୍କ ସ୍ମୃତି ଚାରଣ କରିଥିଲେ।

# ସ୍କୁଲ ଟଙ୍କା ହେରଫେର ଘଟଣାର ତଦନ୍ତ

ପାରଳାଖେମୁଣ୍ଡି,୯।୧୨(ଡି.ଏନ୍.ଏ.)

ମୋହନା ବ୍ଲକ କେଶରା ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଓ ଉନ୍ନତିମୂଳକ କାର୍ଯ୍ୟର ଟଙ୍କା ହେରଫେର ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ଟଙ୍କା ହେରଫେର କରିଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା। ୪ ଜଣିଆ ଟିମ ବୁଧବାର କେଶରା ସ୍କୁଲକୁ ଆସି ଅଭିଭାବକମାନଙ୍କ ସହ ଆଲୋଚନା କରିବା ସହ କାଗଜପତ୍ର ଯାଞ୍ଚ କରିଥିଲେ। ବିଇଓ ବିଶ୍ୱନାଥ ଭୂୟାଁ ଏବଂ ମଧ୍ୟାହ୍ନଭୋଜନ ବୁଝୁଥିବା ବିଇଓ କାର୍ଯ୍ୟାଳୟର କୁନା ପାତ୍ର ସିଆରସିଙ୍କ ଉପସ୍ଥିତିରେ ଯାଞ୍ଚ କରିଥିଲେ। ପ୍ରଧାନ ଶିକ୍ଷକ କୋଭିଡ ସମୟରେ ଆସିଥିବା ମଧ୍ୟାହ୍ନ ଭୋଜନ ଟଙ୍କା ୪ଲକ୍ଷ ୫୩ହଜାର ଟଙ୍କା ଉଠାଇ ସେଥିରୁ କିଛି ଛାତ୍ରୀଛାତ୍ରୀଙ୍କୁ ବାଣ୍ଟିଥିଲେ। ସେହିପରି ଉନ୍ନତି ମୂଳକ କାମର ୨ଲକ୍ଷ ୧୩ ହଜାର ମଧ ଉଠାଇ ନେଇଥିବା ତଦନ୍ତରୁ ଜଣାପଡ଼ିଛି। ୩ ଦିନ ମଧ୍ୟରେ ଟଙ୍କା ଫେରାଇବେ ବୋଲି ପ୍ରଧାନଶିକ୍ଷକ ରମାକାନ୍ତ ନାୟକ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଉ ବୋଲି ଅଭିଭାବକମହଲରୁ ଦାବିହୋଇଛି।


## GOVERNMENT COLLEGE OF ENGINEERING, KEONJHAR

At: Jamunalia, P.O.- Old Town, Dist.- Keonjhar, PIN - 758002 (Odisha)
Web: www.gcekjr.ac.in, Mail ID: principal@gcekjr.ac.in

No. 1189 Date: 08.12.2021

### SPOT ADMISSION OF B.TECH 1st YEAR FOR THE SESSION 2021-22

No. KK-169: The Spot Admission for few seats of B.Tech 1st year for the Academic Session 2021-22 in **Government College of Engineering, Keonjhar** will be conducted through online process from **11.12.2021 to 15.12.2021**. For detail information, the candidates are advised to visit our college website **www.gcekjr.ac.in**.

Sd./- Principal
Government College of Engineering, Keonjhar

OIPR-14088/11/0009/2122



## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
CAD:-2228

### E-procurement Notice

**Bid document No.: OMC/E-PROC/CMC/55/2021 dated 09.12.2021**

| | | |
|---|---|---|
| 1. | Name of the work | Configuration and Implementation of Human Resource Management System (HRMS) Software along with Annual Licensing Cost & Support for 5 (five) years. |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0150/2122 **Head (C&P)**



## Odisha Lift Irrigation Corporation Ltd.

(A Govt. of Odisha Undertaking)

OFFICE OF THE EXECUTIVE ENGINEER, L.I. DIVISION, BARGARH

**E-Procurement Notice-05/2021-22**

E-mail- eeolicbgh@gmail.com, Phone-06646-246126

No.CAD-2211 No. 2787 / Dated: 07.12.2021

1. Name of the Tender Inviting Officer : Executive Engineer, L.I. Division, Bargarh
2. Name of the work : Power supply, Installation of pump sets and energisation of 05 Nos. of L.I. Projects, 01 No. Revival and construction of distribution system work of 17 Nos. packages of River Lift Projects in different Blocks of Bargarh District.
3. No. of Packages : 23 Nos.
4. Tender Amount : Varies from 6.20 Lakhs to 29.12 Lakhs
5. Date and time of availability of bid documents in the portal for online bidding **from 10.00 hrs dated 10.12.2021 to 17.00 hrs dated 18.12.2021.**
6. Last date and time of receipt of bids in the portal up to **17.00 hrs. Dated-18.12.2021.**
7. Last date and time of clarification upto **17.00 hrs Dated-17.12.2021.**
8. Date of opening of technical bid (Cover-1) **at 11.00 hrs. Dated-20.12.2021.**
9. Date of opening of financial bid (Cover-2) will be informed after evaluation of technical bids.
10. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in.**
11. Subsequent corrigendum/addendum if required shall be available in the above portal.

**Sd./- Executive Engineer, L.I. Division, Bargarh**
OIPR-32277/11/0006/2122



## OFFICE OF THE DIRECTOR, IGIT, SARANG, DHENKANAL - 759146

**Bid Identification No. IGIT/EM/289** **Date: 06.12.2021**

No. KK-166: The Director, IGIT, Sarang invites sealed percentage rate bids in Single Cover System in offline mode conformity with detailed terms & conditions from the C & D Class contractors registered with the State/ Central Govt. for Maints/construction of civil works having experience in similar nature of works.
The DTCN can be downloaded from the institute website i.e. **www.igitsarang.ac.in**.

**Particular's of works**

| Sl. No. | Name of the work | Approximate Estimate Cost in Rs. | EMD in Rs. | Eligibility of Contractor | Time of Completion | Cost of Tender Paper (Non-refundable) |
|---|---|---|---|---|---|---|
| 1 | Repair works of Bramhos Bhawan A & C Block | 5,83,062.00 | 5,850.00 | C & D | 1 Month | 4,000.00 |

The bidder has to deposit the bid cost in shape of Demand Draft & EMD in shape of Demand Draft/NSC/KVC/ POTD duly pledged in favour of Director, IGIT, Sarang and drawn in SBI Sarang.
1. Availability of Tender Paper : Institute website **www.igitsarang.ac.in**
2. Mode of submission of tender : Tender shall be submitted in the office of Director, IGIT Sarang through Regd./Speed Post only on or before 20.12.2021 upto 3.00 P.M.
3. Date of opening of Tender paper : 22.12.2021 at 10.00 A.M. in the Office of the Chairman Const. & Maint. Committee, IGIT, Sarang.

Corrigendum if any shall only be published in the Institute website.
Authority reserves the right to reject any or all the tenders without assigning any reason thereof.
Copy to: 1. Institute Notice Board, 2. Accounts Officer for Information, 3. Dr. Gaurov Ghosh, I/C Institute website with a request to publish the notice along with detail tender document in the institute website.

**OIPR-14091/11/0008/2122** **Sd./- Director**



## ODISHA STATE HOUSING BOARD

SACHIVALAYA MARG, BHUBANESWAR - 751001
Phones: EPABS: (0674) 2393524, 2390141, 2391542, 2393277, Fax: (0674) 2393952
Visit us at: http://www.oshb.org

No. 9157/OSHB Date: 06.12.2021
File: EB-1-49/2018 (Part-I)

### BID IDENTIFICATION No. 01/CE/OSHB/2021-22

### E-Procurement Notice for Online Bidding

No. CAD-2203: Chief Engineer, OSHB invites online bids as per the following schedule.

| Sl. No. | Name of the work | Value of the work (Rs. lakh) | Concerned T.I.A. | Security Amount (Online) | Cost of Bid Document (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | Construction of 11 Nos. of HIG (Core) Houses in the completed scheme at Kananvihar, Phase-I, Chandrasekharpur, Bhubaneswar | 295.68 | Chief Engineer, OSHB | 296000/- | 10000 + GST (18%) = 11800 | 'B' Class and equivalent | 06 (Six) Calendar months |

1. Other details

| Procurement Officer | Bid Identification No. | Availability of Bids for Online Bidding | |
|---|---|---|---|
| Chief Engineer, OSHB, Bhubaneswar | 01/CE/OSHB/2021-22 | From Dt.10.12.2021 at 13.00 hrs. | To Dt.29.12.2021 upto 15.00 hrs. |

2. Place and date of opening of the bids: Office of the Chief Engineer, OSHB, Bhubaneswar at 12.30 hrs. on Dt.30.12.2021.
Further details can be seen from the website: **www.tendersodisha.gov.in**.
Any Corrigendum/Addendum shall be published in the website **www.tendersodisha.gov.in** only.

**Sd./- Chief Engineer**
**OIPR-13030/11/0249/2122**

